# NATIONAL NEWS BULLETIN (ODIA)

## 22 August - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନିଜର ମହାକାଶ ଯାତ୍ରା ଅଭିଜ୍ଞତା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଲେ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ।
- ଏକ ବିଂଶତମ ଶତାବ୍ଦୀର ଭାରତରେ ବିକାଶର ସମ-ଅନୁପାତରେ ଯୋଗାଯୋଗ ବ୍ୟବସ୍ଥାର ସଶକ୍ତିକରଣ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଭୋଟର ତାଲିକାରେ ନାମ ନଥିବା ମତଦାତାମାନଙ୍କ ପଞ୍ଜିକୃତ ସମ୍ପର୍କିତ ଅନ୍‌ଲାଇନ୍ ଆବେଦନ ଗ୍ରହଣ କରିବା ଲାଗି ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଲେ ସର୍ବୋଚ୍ଚ ନ୍ୟାୟାଳୟ ।
- କର୍ମକ୍ଷେତ୍ରରେ ଲିଙ୍ଗଗତ ସମନ୍ୱୟ ରକ୍ଷା ପୂର୍ବକ ସମାବେଶୀ ନେତୃତ୍ୱ ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ଦିଗରେ ଭାରତ ପ୍ରତିବଦ୍ଧ, କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଅର୍ଥ ହେର୍‌ଫେର୍ ମାମଲାରେ ଗିରଫ୍ ହେଲେ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେ ।

## ପ୍ରେଜ୍-ଶୁଭାଂଶୁ ଶୁକ୍ଳା

ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ଆଜି ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଶ୍ରୀ ଶୁକ୍ଳା ରାଷ୍ଟ୍ରପତିଙ୍କୁ ନିଜ ମହାକାଶ ଯାତ୍ରାର ଅଭିଜ୍ଞତା ସମ୍ପର୍କରେ ଅବଗତ କରାଇଛନ୍ତି । ରାଷ୍ଟ୍ରପତି' ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଳାଙ୍କୁ ଅଭିନନ୍ଦନ ଜଣାଇବା ସହ ଗଗନଯାନ ମିଶନ୍ ସମେତ ଅନ୍ୟାନ୍ୟ ମହାକାଶ ଜନିତ ଭବିଷ୍ୟତ କାର୍ଯ୍ୟକ୍ରମ ଲାଗି ସମଗ୍ର ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ସାକ୍ଷାତ ଆଲୋଚନା ସମୟରେ ଇସ୍ରୋ ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପିଏମ୍-କୋଲକାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ କୋଲକାତା ଠାରେ ୫ ହଜାର ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିବିଧ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ

କହିଛନ୍ତି, ଉଭୟ ଇତିହାସ ଏବଂ ଭାରତର ବିକାଶ କ୍ଷେତ୍ରରେ କୋଲକାତାର ଏକ ଉଲ୍ଲେଖନୀୟ ଭୂମିକା ରହିଛି । ୨୦୧୪ ମସିହା ପୂର୍ବରୁ ଦେଶରେ ମାତ୍ର ୨୫୦ କିଲୋମିଟର ମେଟ୍ରୋ ରେଳପଥ ଥିବା ବେଳେ ବର୍ତ୍ତମାନ ଏହା ୧ ହଜାର କିଲୋମିଟରକୁ ସମ୍ପ୍ରସାରିତ ହୋଇପାରିଛି । ବର୍ତ୍ତମାନ ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି । ଏ ଦିଗରେ କୋଲକାତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-1--PM-KAYAKALP**

ଶ୍ରୀ ମୋଦୀ କହିଛନ୍ତି, ଏକ ବିଂଶ ଶତାବ୍ଦୀର ଭାରତରେ ସମ-ଅନୁପାତରେ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ସଶକ୍ତ କରିବାର ଆବଶ୍ୟକତା ରହିଛି । ଏ ଦିଗରେ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି –

**V/O-2-PM-21ST-CENTURY-CONNECTIVITY**

ପୂର୍ବରୁ ପ୍ରଧାନମନ୍ତ୍ରୀ ଆଜି ବିହାର ଗସ୍ତ କରି ଗୟାରେ ପ୍ରାୟ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ୍ –

**V/O-3-DHARMENDER-RAI---PATNA**

# ଏସ୍‌ସି-ଇସିଆଇ

ଭୋଟର ତାଲିକାରେ ନାମ ନଥିବା ମତଦାତାମାନଙ୍କ ପଞ୍ଜିକୃତ ସମ୍ପର୍କିତ ଅନ୍‌ଲାଇନ୍ ଆବେଦନ ଗ୍ରହଣ କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ଆଜି ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ୍ ଜୟ ମଲ୍ୟା ବାଗ୍‌ଚିଙ୍କୁ ନେଇ ଗଠିତ ବେଞ୍ଚ୍ ଏହି ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତ କହିଛନ୍ତି, ସମ୍ପୃକ୍ତ ମତଦାତାମାନେ ଅଫ୍‌ଲାଇନ୍‌ରେ ନିଜର ଆବେଦନପତ୍ର ତଥା ଏ ସମ୍ପର୍କିତ ଦସ୍ତାବିଜ୍ ଦାଖଲ କରିବାର ଆବଶ୍ୟକତା ନାହିଁ । ଏଥିସହିତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ୧୧ଟି ମଧ୍ୟରୁ ଯେକୌଣସି ଦସ୍ତାବିଜ୍ କିମ୍ବା ଆଧାରକାର୍ଡ଼ ସହିତ ଏହି ଆବେଦନ ଅନ୍‌ଲାଇନ୍‌ରେ କରାଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟ୍ ସ୍ପଷ୍ଟ କରିଛନ୍ତି । ଏଭଳି ମତଦାତାମାନଙ୍କୁ ସାହାଯ୍ୟ କରିବା ଲାଗି ସର୍ବୋଚ୍ଚ ଅଦାଲତ ବିଭିନ୍ନ ରାଜନୈତିକ ଦଳ ଏବଂ ସେମାନଙ୍କର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା ମତଦାତାମାନଙ୍କର ଆବେଦନ ଗୁଡ଼ିକର ବିଚାର କରି ସୁପ୍ରିମ୍‌କୋର୍ଟ୍ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ରାଜନାଥ ସିଂହ

କର୍ମକ୍ଷେତ୍ରରେ ଲିଙ୍ଗଗତ ସମନ୍ୱୟ ରକ୍ଷା ପୂର୍ବକ ସମାବେଶୀ ନେତୃତ୍ୱ ମାଧ୍ୟମରେ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ଦିଗରେ ଭାରତ ପ୍ରଚେଷ୍ଟା ଜାରି ରଖିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ମିଳିତ ଜାତିସଂଘ ମହିଳା ସାମରିକ ଅଧିକାରୀ ପାଠ୍ୟକ୍ରମ ସମାବେଶରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି, ସଶସ୍ତ୍ର ବାହିନୀରେ ମହିଳାମାନେ କିଭଳି ଅଧିକରୁ ଅଧିକ ସାମିଲ ହୋଇପାରିବେ ସେ ଦିଗରେ ସରକାର ନୂତନ ନୀତି ପ୍ରଣୟନ କରିବା ସହିତ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଆମ ସମ୍ବାଦଦାତା –

**V/O-1—NEHA**

# ଶ୍ରୀଲଙ୍କା ପ୍ରେଜ୍-ଆରେଷ୍ଟ

ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେଙ୍କୁ ଅର୍ଥ ହେର୍‌ଫେର୍ ମାମଲାରେ ଗିରଫ୍ କରାଯାଇଛି । ତାଙ୍କୁ ସ୍ଥାନୀୟ କଲମ୍ବୋ ଫୋର୍ଟ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ୍‌ରେ ହାଜର କରାଯିବା ପରେ ହାଜତକୁ ପଠାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ୨୦୨୩ ମସିହାରେ ସରକାରୀ ଅର୍ଥରେ ଲଣ୍ଡନ୍‌କୁ ବ୍ୟକ୍ତିଗତ କାର୍ଯ୍ୟରେ ଯାଇଥିବା ସମ୍ପର୍କିତ ଅଭିଯୋଗ ଉପରେ ତାଙ୍କୁ ପଚରାଉଚରା କରାଯିବା ପରେ ଗିରଫ୍ କରାଯାଇଛି । ପୁଲିସ୍ କହିଛି, ୨୦୨୨ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଶ୍ରୀଲଙ୍କାର ରାଷ୍ଟ୍ରପତି ଥିବା ଏହି ୭୬ ବର୍ଷ ବୟସ୍କ ନେତା ଓଲଭରହାମ୍‌ଟନ୍ ବିଶ୍ୱ ବିଦ୍ୟାଳୟରେ ପ୍ରଫେସର୍ ଥିବା ତାଙ୍କର ପତ୍ନୀ ମୈର୍ଥୀ ବିକ୍ରମ ସିଂଘେଙ୍କର ପି.ଏଚ୍.ଡି. ସମାରୋହରେ ଯୋଗଦେବା ଲାଗି ଏହି ଅର୍ଥର ଦୂରୁପଯୋଗ କରିଛନ୍ତି । ସମ୍ପୂର୍ଣ୍ଣ ଗସ୍ତରେ ପ୍ରାୟ ୫୦ ହଜାର ଡଲାର୍ ଖର୍ଚ୍ଚ ହୋଇଥିବା ତଦନ୍ତକାରୀ ସଂସ୍ଥା କହିଛି ।

## ରାଜନାଥ ଡିଫେନ୍ସ

ନବସୃଜନତା ଏବଂ ବୈଷୟିକ ଜ୍ଞାନକୌଶଳ ବିକାଶର ପ୍ରୋତ୍ସାହନ ମାଧ୍ୟମରେ ଭାରତ ଏକ ଦୃଢ଼ ପ୍ରତିରକ୍ଷା ଜୈବ ବ୍ୟବସ୍ଥା ଗଠନ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଏକ ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଏହାଦ୍ୱାରା ଘରୋଇ କମ୍ପାନୀ ଗୁଡ଼ିକ ଲାଗି ଏକ ଉପଯୁକ୍ତ ବିକାଶ ପରିବେଶ ସୃଷ୍ଟି କରାଯାଇ ପାରୁଛି । ପଞ୍ଚମ ପିଢ଼ିର ଲଢୁଆ ବିମାନ ଓ ଏହାର ଇଞ୍ଜିନ୍ ନିର୍ମାଣ କରିବା ଦିଗରେ ଦେଶ ବର୍ତ୍ତମାନ ଅଗ୍ରସର

ହେଉଛି । ଫ୍ରାନ୍ସର କମ୍ପାନୀ ସାଫ୍ରନ୍‌ର ସହଯୋଗରେ ଭାରତ ଦେଶରେ ଏହି ଇଞ୍ଜିନ୍ ଉତ୍ପାଦନ କରିବାକୁ ଯାଉଛି ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ୯୭ ତେଜସ୍ ଲଢୁଆ ବିମାନ ଉତ୍ପାଦନ କରିବା ଲାଗି 'ହାଲ୍' ସହିତ ସରକାର ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏଥିଲାଗି ୬୬ ହଜାର କୋଟି ଟଙ୍କା ବ୍ୟୟ କରାଯିବ । ଏହାପୂର୍ବରୁ ୪୮ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ହାଲ୍ ୮୩ଟି ଅନୁରୂପ ବିମାନ ନିର୍ମାଣ କରିବାକୁ ଚୁକ୍ତିବଦ୍ଧ ହୋଇଛି । ଦେଶର ସକ୍ରିୟ ପ୍ରତିରକ୍ଷା ବିନିର୍ମାଣ ଜୈବ ବ୍ୟବସ୍ଥାରେ ନିବେଶ କରିବା ଲାଗି ଏହି ଅବସରରେ ଶ୍ରୀ ସିଂହ ଏହି ଅବସରରେ ବିଦେଶୀ କମ୍ପାନୀ ଏବଂ ପୁଞ୍ଜିନିବେଶକମାନଙ୍କୁ ଆମନ୍ତ୍ରଣ କରିଛନ୍ତି ।

## ପାକିସ୍ତାନ୍-ପ୍ରୋଟେଷ୍ଟ

ପାକିସ୍ତାନର କରାଚିରେ ଦୁଇ ଦିନରୁ ଅଧିକ ସମୟ ଧରି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ରାଜପଥରେ ପ୍ରତିବାଦ କରାଯାଉଛି । କରାଚିର ସଂଲଗ୍ନ ଅଞ୍ଚଳ ଅମୀରାବାଦ୍, ବୁସ୍ତାନ୍ ସମାଜ, ବିଶ୍ୱବିଦ୍ୟାଳୟ ସଡ଼କପଥ, ଟିପୁସୁଲତାନ ରାସ୍ତା ଆଦିରେ ମଧ୍ୟ ବିଦ୍ୟୁତ୍ ଏବଂ ପାନୀୟ ଜଳ ଯୋଗାଣ ଗତ ମଙ୍ଗଳବାର ଅପରାହ୍ଣରୁ ବ୍ୟାହତ ହୋଇଛି । ପାକିସ୍ତାନ ଗଣମାଧ୍ୟମ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ କରାଚି ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ତୁରନ୍ତ ବିଦ୍ୟୁତ୍

ସଂଯୋଗ କରିବା ଦାବିରେ ସ୍ଥାନୀୟ ବାସିନ୍ଦାମାନେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରାଉ କରିବା ସହିତ ପ୍ରମୁଖ ରାସ୍ତା ଅବରୋଧ କରିଛନ୍ତି ।

ଅନ୍ୟ ପକ୍ଷରେ ଗତ ଦୁଇ ଦିନ ମଧ୍ୟରେ ଅବିଶ୍ରାନ୍ତ ବର୍ଷା ଓ ତତ୍‌ଜନିତ ବନ୍ୟା ଯୋଗୁଁ କରାଚିରେ ପ୍ରାୟ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ଗଣମାଧ୍ୟମ କହିଛି ।